ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

News ID-IPR/AgFE (Od)/1223/10-11-2023

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ

## ଖେଳାଳିଙ୍କ ଜୀବନରେ ପୁଷ୍ଟିଶସ୍ୟର ମହତ୍ତ୍ୱ ରହିଛି

ଭୁବନେଶ୍ୱର, ୧୦/୧୧/୨୦୨୩

ଆଜି ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ - ୨୦୨୩ ଅବସରରେ 'ମାଣ୍ଡିଆ - ଆଧୁନିକ ଆହ୍ୱାନ ପାଇଁ ପୁରାତନ ପୁଷ୍ଟିଶସ୍ୟ' ବିଷୟ ଉପରେ ଅନୁଷ୍ଠିତ ହୋଇଥିବା ଆଲୋଚନାଚକ୍ରରେ କ୍ରୀଡାବିତମାନଙ୍କର ଖାଦ୍ୟରେ ପୁଷ୍ଟିଶସ୍ୟର ପୋଷକତତ୍ତ୍ୱର ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା ।

କ୍ରୀଡା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର. ଭିନିଲ କ୍ରୀଷ୍ଣା ଓ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ଦାସଙ୍କ ମିଳିତ ଅଧକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହେଇଥିଲା । ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ପାଳନ ଅନୁକ୍ରମରେ ଓଡ଼ିଶା ମିଲେଟସ ମିଶନ ଏବଂ କ୍ରୀଡା ଓ ଯୁବସେବା ବିଭାଗର ସହଭାଗିତା ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ଶ୍ରୀ ଆର. ଭିନିଲ କ୍ରୀଷ୍ଣା ମତବ୍ୟକ୍ତ କରିଥିଲେ । ମିଲେଟକୁ ସୁପରଫୁଡ ଭାବେ ଅଭିହିତ କରି ଶ୍ରୀ କ୍ରୀଷ୍ଣା କହିଲେ ଯେ କ୍ରୀଡ଼ାବିତଙ୍କ ଉଚ୍ଚମାନର ପ୍ରଦର୍ଶନ ଲାଗି ଯେଉଁ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି ତାହା ମିଲେଟରୁ ମିଳିପରିବ । ମିଲେଟର ଗୁଣବତ୍ତାକୁ ଉପଲବ୍ଧି କରି ଆଗାମୀ ଦିନରେ କ୍ରୀଡ଼ା ହଷ୍ଟେଲର ଖାଦ୍ୟ ତାଲିକାରେ ଏହାକୁ ସାମିଲ କରିବା ପାଇଁ ଯୋଜନା ରହିଛି ବୋଲି ସେ ପ୍ରକାଶ କରିଥିଲେ ।

ସୁନାମଧନ୍ୟ କ୍ରୀଡାବ୍ୟକ୍ତିତ୍ୱ କେ. ରବି କୁମାର, ଅନୁପମା ସ୍ୱାଇଁ ସେମାନଙ୍କ ସଫଳ କ୍ରୀଡ଼ାଯାତ୍ରାର ଅନୁଭୂତି ବର୍ଣ୍ଣନା କରିବା ସହ ପୁଷ୍ଟିଶସ୍ୟ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ଉଲ୍ଲେଖ କରିଥିଲେ । ପୁଷ୍ଟି ବିଶେଷଜ୍ଞ ଅଞ୍ଜଳି ୱାଙ୍ଗେ ଓ ଲକ୍ଷ୍ମୀଶ୍ରୀ ପାଣ୍ଡରଲା କ୍ରୀଡାବିତମାନଙ୍କର ଜୀବନରେ ପୁଷ୍ଟିଶସ୍ୟର ପୌଷ୍ଟିକ ଗୁଣ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିବା ସହ ଆଥଲେଟମାନଙ୍କର ଶାରୀରିକ ଦକ୍ଷତା ବୃଦ୍ଧି ଦିଗରେ ଏହା ସହାୟକ ହେଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱୟମଶ୍ରଦ୍ଧା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କଳିଙ୍ଗ ଷ୍ଟାଡିୟମସ୍ଥିତ ମିଲେଟ ଶକ୍ତି ଆଉଟଲେଟର ଶ୍ରୀମତୀ ମିନତୀ ସାବତ ଏହି ମିଲେଟ ଶକ୍ତି ଆଉଟଲେଟ ତାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟ ସଦସ୍ୟାମାନଙ୍କର ଜୀବନଜୀବିକାକୁ ସଶକ୍ତ କରି ସେମାନଙ୍କ ଜୀବନକୁ ରୂପାନ୍ତରିତ କରିପାରିଛି ବୋଲି ପ୍ରକାଶ କରିଥିଲେ । ଆଥଲେଟ ଓ କ୍ରୀଡାବିତମାନଙ୍କୁ ମିଲେଟ ପ୍ରସ୍ତୁତ ଖାଦ୍ୟ ପରଷିବାବେଳେ ସେମାନେ ବେଶ ଆନନ୍ଦ ଅନୁଭବ କରିଥାନ୍ତି ବୋଲି ଶ୍ରୀମତୀ ସାବତ କହିଥିଲେ । କ୍ରୀଡ଼ା ବିଭାଗର ଯୁଗ୍ମ ଶାସନ ସଚିବ ରଞ୍ଜିତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱାତୀ ସ୍ନିଗ୍ଧା ସୁଆର
ସୂଚନା ଅଧିକାରୀ